# NATIONAL NEWS BULLETIN (ODIA)

## 24 February - 2025

## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ଶାନ୍ତିରକ୍ଷା ଅଭିଯାନରେ ମହିଳାମାନଙ୍କ ସମ୍ପୃକ୍ତି ଅଧିକ ଅନ୍ତର୍ଭୁକ୍ତି ପ୍ରଦାନ କରିଛି ବୋଲି କହିଲେ, ରାଷ୍ଟ୍ରପତି ।
- ପିଏମ୍-କିଶାନ୍ ଯୋଜନାର ୧୯ତମ କିସ୍ତି ସ୍ୱରୂପ ୯ କୋଟି ୮ ଲକ୍ଷ କୃଷକଙ୍କୁ ୨୨ହଜାର ୭୦୦ ହଜାର କୋଟି ଟଙ୍କା ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।
- ଦିଲ୍ଲୀର ନବଗଠିତ ବିଧାନସଭାର ବାଚସ୍ପତି ଭାବେ ବିଜେନ୍ଦର ଗୁପ୍ତା ନିର୍ବାଚିତ ।
- ଭାରତୀୟ ନିର୍ବାଚନ ଆୟୋଗ ଆସନ୍ତା ମାସରେ ଆୟୋଜନ କରିବେ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ସମ୍ମିଳନୀ ।

ଏବଂ

- ଆଇ.ସି.ସି. କ୍ରିକେଟ୍ ଚାମ୍ପିୟନ୍‌ସିପ୍‌ରେ ନ୍ୟୁଜିଲାଣ୍ଡକୁ ୨୩୭ରନ୍‌ର ବିଜୟ ଲକ୍ଷ୍ୟ ଦେଇଛି ବାଂଲାଦେଶ ।

# ପ୍ରେଜ୍-ଓ୍ୱିମେନ୍ ପିସ୍‌କିପର୍

ଶାନ୍ତିରକ୍ଷା ଅଭିଯାନରେ ମହିଳାମାନଙ୍କ ସମ୍ପୃକ୍ତି ଏହାକୁ ଅଧିକ ଅନ୍ତର୍ଭୁକ୍ତି ପ୍ରଦାନ କରିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ଗ୍ଲୋବାଲ୍ ସାଉଥ୍‌ର ମହିଳା ଶାନ୍ତିରକ୍ଷକ ସମ୍ମିଳନୀରେ ଯୋଗଦେଇଥିବା ପ୍ରତିଯୋଗୀମାନେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି, ମହିଳା ଶାନ୍ତିରକ୍ଷକମାନେ ସାଧାରଣ ଲୋକମାନଙ୍କ ଅଧିକ ନିକଟତର ହୋଇପାରିବେ ଏବଂ ମହିଳା ଓ ଶିଶୁମାନଙ୍କ ପାଇଁ କର୍ତ୍ତବ୍ୟ ସମ୍ପାଦନ କ୍ଷେତ୍ରରେ ଆଦର୍ଶ ପ୍ରତିପାଦିତ କରିପାରିବେ । ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ମହିଳା ଶାନ୍ତିରକ୍ଷକମାନେ ଲିଙ୍ଗଗତ ହିଂସାକୁ ବୁଝିବା ସହ ସେମାନଙ୍କ ମଧ୍ୟରେ ଭରସା ବୃଦ୍ଧି କରିବା ଏବଂ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିପାରିବେ ।

ଦୀର୍ଘମିଆଦି ଶାନ୍ତି ବୁଝାମଣା ଓ ହିଂସା ହ୍ରାସ କରିବା କ୍ଷେତ୍ରରେ ଶାନ୍ତିରକ୍ଷା ଅଭିଯାନ ଗୁଡ଼ିକରେ ଅଧିକ ସଂଖ୍ୟାରେ ମହିଳାଙ୍କ ଭାଗିଦାରିତା ସଫଳ ସାବ୍ୟସ୍ତ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି, ଜାତିସଂଘ ଶାନ୍ତିରକ୍ଷା ଅଭିଯାନ ଗୁଡ଼ିକରେ ଅଧିକ ସଂଖ୍ୟାରେ ମହିଳାମାନଙ୍କୁ ସାମିଲ କରିବାର ଆବଶ୍ୟକତା ରହିଛି ।

ଜାତିସଂଘ ଶାନ୍ତିରକ୍ଷା ଅଭିଯାନ ଗୁଡ଼ିକରେ ଭାରତର ଗୌରବମୟ ଇତିହାସ ବିଷୟକୁ ସ୍ମରଣ କରି ରାଷ୍ଟ୍ରପତି କହିଛନ୍ତି, ପ୍ରାୟ ୫୦ରୁ ଅଧିକ ଶାନ୍ତିରକ୍ଷା ଅଭିଯାନରେ ଭାରତର ୨ ଲକ୍ଷ ୯୦ ହଜାରରୁ ଅଧିକ ଶାନ୍ତିରକ୍ଷକ କାର୍ଯ୍ୟ କରିଛନ୍ତି । ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧ, ହିଂସାତ୍ମକ କାର୍ଯ୍ୟକଳାପ ସମୟରେ ଶାନ୍ତି ଓ ସୁରକ୍ଷା ଫେରାଇ ଆଣିବା ଲାଗି ଏବେ ୯ଟି ସକ୍ରିୟ ଅଭିଯାନରେ ୫ ହଜାରରୁ ଅଧିକ ଶାନ୍ତିରକ୍ଷକ କାର୍ଯ୍ୟ କରୁଛନ୍ତି । ସେମାନଙ୍କ ମଧ୍ୟରେ ଭାରତୀୟ ମହିଳା ଶାନ୍ତିରକ୍ଷକମାନେ ଆଗରେ ରହି ସଫଳତା ସହ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି ।

ସୂଚନା ଯୋଗ୍ୟ ନୂଆଦିଲ୍ଲୀରେ ହେବାକୁ ଥିବା 'ଓ୍ୱିମେନ୍ ଇନ୍ ପିସ୍‌କିପିଙ୍ଗ୍, ଏ ଗ୍ଲୋବାଲ୍ ସାଉଥ୍ ପ୍ରସ୍‌ପେକ୍ଟିଭ୍' ସମ୍ମିଳନୀରେ ମହିଳା ଶାନ୍ତିରକ୍ଷକମାନେ ଯୋଗଦେବେ । ବୈଦେଶିକ ମନ୍ତ୍ରଣାଳୟ ସହ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଜାତିସଂଘ ଶାନ୍ତିରକ୍ଷା ଅଭିଯାନର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।

## ପିଏମ୍-ବିହାର

ବିଶ୍ୱର ପ୍ରତ୍ୟେକଟି ରୋଷେଇ ଘରେ ଅନ୍ତତଃପକ୍ଷେ ଭାରତୀୟ କୃଷକଙ୍କ ଦ୍ୱାରା ଉତ୍ପାଦିତ ଗୋଟିଏ ସାମଗ୍ରୀର ଉପସ୍ଥିତି ତାଙ୍କର ସ୍ୱପ୍ନ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସେ କହିଛନ୍ତି, ତାଙ୍କ

ସରକାର କୃଷିଜାତ ଦ୍ରବ୍ୟ ଗୁଡ଼ିକର ରପ୍ତାନୀ, ପ୍ରକ୍ରିୟାକରଣ ଏବଂ ବଜାର ପ୍ରବେଶ ନେଇ ଅହରହ କାର୍ଯ୍ୟ କରୁଛନ୍ତି ।

**V/O (PM-DREAM)**

ଆଜି ବିହାରର ଭାଗଲପୁର ଠାରେ ଏକ ସାଧାରଣ ସଭାକୁ ସମ୍ବୋଧନ କରି ପିଏମ୍-କିଶାନ୍ ଯୋଜନାର ୧୯ତମ କିସ୍ତି ପ୍ରଦାନ କରିଛନ୍ତି । ଏଥିରେ ୯ କୋଟି ୮ ଲକ୍ଷ କୃଷକଙ୍କୁ ୨୨ ହଜାର ୭୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି ।

**V/O (PM-KISAN)**

ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମଖାନାର ଉତ୍ପାଦନ ବୃଦ୍ଧି ଲାଗି ଏହି ସହାୟତା ଉପଯୋଗୀ ସାବ୍ୟସ୍ତ ହେବ । ମଖାନା ରପ୍ତାନୀ ବୋର୍ଡ୍ ଏହାର ବିଶ୍ୱବଜାର ପ୍ରବେଶ କରିବା ପରେ ଏହାର ମୂଲ୍ୟ ଆହୁରି ବୃଦ୍ଧି ପାଇବ । ସେ କହିଛନ୍ତି, ପୂର୍ବ ଭାରତ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଅଗ୍ରସର ହେଉଛି । ତେଣୁ ଆଗାମୀ ଦିନରେ ସରକାର ଖାଦ୍ୟ କୌଶଳ ଓ ପରିଚାଳନା ସମ୍ପର୍କିତ ଜାତୀୟ ପ୍ରତିଷ୍ଠାନ ବିହାରରେ ସ୍ଥାପନ କରିବେ ।

ଏହି କ୍ଷେତ୍ରକୁ ବିହାରର ଅବଦାନ ଅଧିକ ରହିବ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ବିକାଶ ପୂର୍ବାଞ୍ଚଳରୁ ହୋଇପାରିବ ଏବଂ ବିହାର ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆମ୍ବ, ବିଲାତିବାଇଗଣ, ପିଆଜ ଏବଂ ଆଳୁର ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଭାଗଲପୁର, ମୁଙ୍ଗେର ଏବଂ

ବକ୍ସାରରେ ତିନୋଟି ନୂଆ ସେଣ୍ଟର ଅଫ୍ ଏକ୍ସିଲେନ୍ସ ସ୍ଥାପନା କରିବା ବିଷୟ ଘୋଷଣା କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ୧୦ ହଜାରତମ ଫୁଡ୍ ପ୍ରୋସେସିଂ ଅର୍ଡ୍ର ଗଠନ କରାଯିବ । ଏହାଦ୍ୱାରା କୃଷକମାନଙ୍କ ଆୟ ବୃଦ୍ଧି ହେବ । ଏ ପର୍ଯ୍ୟନ୍ତ ଏଥିରେ ସାରା ଦେଶରୁ ୩୦ ଲକ୍ଷ କୃଷକ ଯୋଗଦେଇଛନ୍ତି ଏବଂ ସେମାନଙ୍କ ମଧ୍ୟରେ ୪୦ ପ୍ରତିଶତ ମହିଳା ଥିବା ସେ କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ତାଙ୍କ ସରକାର ଐତିହ୍ୟ ସ୍ଥଳୀଗୁଡ଼ିକର ସଂରକ୍ଷଣ କରିବା ସହ ମହାକୁମ୍ଭ ଭଳି ବୃହତ ମେଳାର ଆୟୋଜନ କରିଛନ୍ତି । ମହାକୁମ୍ଭକୁ ନେଇ କଂଗ୍ରେସ ଏବଂ ଆର୍.ଜେ.ଡି. ଦେଇଥିବା ମନ୍ତବ୍ୟକୁ ପ୍ରଧାନମନ୍ତ୍ରୀ ନାପସନ୍ଦ କରି କହିଛନ୍ତି, ଲୋକମାନେ ସେମାନଙ୍କୁ କ୍ଷମା କରିବେ ନାହିଁ । ସେହିପରି ନାଳନ୍ଦା ବ୍ୟତୀତ ଭାଗଲପୁରର ବିକ୍ରମଶିଳାରେ ଗୋଟିଏ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ପ୍ରାୟ ୭୦୦ କୋଟିରୁ ଅଧିକ ଟଙ୍କାର କୃଷି, ରେଳବାଇ ଏବଂ ଯୋଗାଯୋଗ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ ପ୍ରଧାନମନ୍ତ୍ରୀ କରିଛନ୍ତି ।

# ପଞ୍ଜାବ-ପିଏମ୍ କିଶାନ୍

କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ  ହରଦୀପ ସିଂହ ପୁରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର କୃଷକମାନଙ୍କ ବିକାଶକୁ ଅଗ୍ରାଧିକାର ଦେଉଛନ୍ତି । ଆଜି ଅମୃତସର ଠାରେ ଗୁରୁ ନାନାକ ଦେବ ବିଶ୍ୱବିଦ୍ୟାଳୟରେ କୃଷକମାନଙ୍କୁ ସମ୍ବୋଧିତ କରି ଶ୍ରୀ ପୁରୀ କହିଛନ୍ତି,  କୃଷକମାନେ କେବଳ ଦେଶର ଅର୍ଥନୀତିର ମେରୁଦଣ୍ଡ ନୁହନ୍ତି ବରଂ ସେମାନେ ହେଉଛନ୍ତି କୃଷି କ୍ଷେତ୍ରର ମାଲିକ ଓ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ରକ୍ଷକ । ଶ୍ରୀ ପୁରୀ ସେଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପି.ଏମ୍.-କିଶାନ୍ ସମ୍ମାନନିଧି କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ । ସେ କହିଥିଲେ, କୃଷକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଇଥାନଲ ମିଶ୍ରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି । ପୂର୍ବରୁ ଏହା ୧ ଦଶମିକ୍ ୫ ପ୍ରତିଶତ ଥିବା ବେଳେ ଏବେ ଇଥାନଲ ମିଶ୍ରଣ ପ୍ରକ୍ରିୟା ୧୯ ଦଶମିକ୍ ୬ ପ୍ରତିଶତକୁ ବୃଦ୍ଧି ପାଇଛି ଏବଂ ଏହା ଜରିଆରେ କୃଷକମାନଙ୍କୁ ଅଧିକ ୯୦ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି । ଦେଶରେ ଇଥାନଲ ମିଶ୍ରଣ ପ୍ରକ୍ରିୟାକୁ ବୃଦ୍ଧି କରିବା ଲାଗି ସରକାର ଉଦ୍ୟମ ଚଳାଇଛନ୍ତି ।

ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପୁରୀ ଦେଶର ଅର୍ଥନୀତିକୁ କୃଷକମାନଙ୍କ ଅବଦାନକୁ ସ୍ୱୀକୃତି ଜଣାଇ କେତେ ଜଣ କୃଷକଙ୍କୁ ସମ୍ମାନିତ କରିଥିଲେ ।

# ଦିଲ୍ଲୀ ଆସେମ୍ବ୍ଲି ସେସନ୍

ଦିଲ୍ଲୀର ନବଗଠିତ ବିଧାନସଭାର ବାଚସ୍ପତି ଭାବେ ରୋହିଣୀ ଆସନରୁ ବିଜୟ ଲାଭ କରିଥିବା ବିଧାୟକ ବିଜେନ୍ଦର ଗୁପ୍ତା ନିର୍ବାଚିତ ହୋଇଛନ୍ତି । ଦିଲ୍ଲୀ ବିଧାନସଭାର ଆଜି ପ୍ରଥମ ଅଧିବେଶନରେ ଶ୍ରୀ ଗୁପ୍ତାଙ୍କୁ ସର୍ବସମ୍ମତକ୍ରମେ ବାଚସ୍ପତି ନିର୍ବାଚିତ କରାଯାଇଛି । ନୂଆ ବିଧାୟକମାନେ ଆଜି ଶପଥଗ୍ରହଣ କରିଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି, ଆଜି ବିଧାନସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ନବନିର୍ବାଚିତ ବିଧାୟକମାନଙ୍କୁ ସ୍ୱାଗତ କରାଯାଇଥିଲା । କାମଚଳା ବାଚସ୍ପତି ଅରବିନ୍ଦର ସିଂହ ଲବଲୀ, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ତାଙ୍କ କ୍ୟାବିନେଟ୍ ସଦସ୍ୟ ଓ ନବନିର୍ବାଚିତ ବିଧାୟକମାନଙ୍କୁ ଶପଥପାଠ କରାଇଥିଲେ । ଆପ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶିଙ୍କ ସମେତ ଅନ୍ୟ ଦଳୀୟ ବିଧାୟକମାନେ ମଧ୍ୟ ଶପଥ କରିଥିଲେ । ବିଧାୟକମାନେ ହିନ୍ଦୀ, ଇଂରାଜୀ ସମେତ ଉର୍ଦ୍ଦୁ, ସଂସ୍କୃତ ଓ ମୈଥିଳି ଭାଷାରେ ଶପଥପାଠ କରିଥିଲେ ।

ତେବେ ପ୍ରଥମ ଅଧିବେଶନରେ ପ୍ରବଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ବାଚସ୍ପତି ନିର୍ବାଚନ ପରେ ବିରୋଧୀ ଆମ୍ ଆଦମୀ ପାର୍ଟି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଡକ୍ଟର ଭୀମରାଓ ଆମ୍ବେଦକର ଏବଂ ଭଗତ ସିଂହଙ୍କ ଫଟୋଚିତ୍ର ଅପସାରଣକୁ ବିରୋଧ କରି ହଟ୍ଟଗୋଳ ସୃଷ୍ଟି

କରିଥିଲେ । ପରେ ବିଜେପି  ଏହି ଅଭିଯୋଗକୁ ଖଣ୍ଡନ କରି କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧି, ଭଗତ ସିଂହ, ଡକ୍ଟର ଭୀମରାଓ ଆମ୍ବେଦକର, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫଟୋଚିତ୍ର ଟଙ୍ଗା ଯାଇଛି ।

ଆସନ୍ତାକାଲି ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକସେନା, ଅଭିଭାଷଣ ପ୍ରଦାନ କରିବା ପରେ ମହାଲେଖାକାର ରିପୋର୍ଟ୍ ଗୃହରେ ଉପସ୍ଥାପନ ହେବ । ଏହି ତିନି ଦିନିଆ ଅଧିବେଶନ ଚଳିତ ମାସ ୨୭ରେ ଶେଷ ହେବ ।

## ଇସିଆଇ-କନ୍‌ଫରେନ୍ସ

ଭାରତୀୟ ନିର୍ବାଚନ ଆୟୋଗ ଆସନ୍ତା ମାସ ୪ ଓ ୫ ତାରିଖ ଦୁଇ ଦିନ ନୂଆଦିଲ୍ଲୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ସମ୍ମିଳନୀ ଆୟୋଜନ କରୁଛନ୍ତି । ଶ୍ରୀ ଜ୍ଞାନେଶ କୁମାର ନୂତନ ନିର୍ବାଚନ ଆୟୋଗ ଭାବେ ଯୋଗଦେବା ପରେ ପ୍ରଥମଥର ପାଇଁ ଏଭଳି ସମ୍ମିଳନୀ ଆୟୋଜନ କରାଯିବ । ଏହି ଦୁଇ ଦିନିଆ ସମ୍ମିଳନୀରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହୋଇଥିବା ନିର୍ବାଚନରେ ଉପଲବ୍ଧ ତଥ୍ୟ ଉପରେ ଆଲୋଚନା ହେବ । ସମ୍ମିଳନୀ ସମୟରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର, ସୂଚନା ଆଦାନପ୍ରଦାନ ବ୍ୟବସ୍ଥା ଏବଂ ସାମାଜିକ ଗଣମାଧ୍ୟମର ବ୍ୟବହାର ଓ ନିର୍ବାଚନ ପ୍ରକ୍ରିୟା ସମ୍ପର୍କିତ

ଆଧୁନିକ ନିର୍ବାଚନ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ପୁନଃ ପ୍ରକ୍ରିୟାକରଣ ଏବଂ ବର୍ଜ୍ୟବସ୍ତୁ ପରିଚାଳନା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଆର୍ଥିକ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବିଶେଷଜ୍ଞ ଡକ୍ଟର ସୁନୀଲ ପାଣ୍ଡେ ଏବଂ ପରିବେଶବିତ୍ ମୁକୁଲ ସନଓ୍ୱାଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# କ୍ରିକେଟ୍

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି ଅନ୍ତର୍ଗତ ଗ୍ରୁପ୍-ଏ ର ଆଜି ଅନୁଷ୍ଠିତ ହେଉଥିବା ମ୍ୟାଚ୍‌ରେ ବାଂଲାଦେଶ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୯ ୱିକେଟ୍ ବିନିମୟରେ ୨୩୬ରନ୍ ସ୍କୋର କରିଛି । ନ୍ୟୁଜିଲାଣ୍ଡ ଟସ୍ ଜିତି ବାଂଲାଦେଶକୁ ବ୍ୟାଟିଂ କରିବା ଲାଗି ଆମନ୍ତ୍ରଣ କରିଥିଲା ।

ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ନ୍ୟୁଜିଲାଣ୍ଡ ୬ ଓଭରରେ ୨ ୱିକେଟ୍ ହରାଇ ୨୦ରନ୍ କରିଛି ।

ସେହିପରି ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ୟୁ.ପି. ୱାରିୟର୍ସ ମଧ୍ୟରେ ମୁକାବିଲା ହେବ । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ସ୍ମୃତି ମାନ୍ଧାନାଙ୍କ ନେତୃତ୍ୱାଧୀନ ବେଙ୍ଗାଲୁର ଦଳ ପଏଣ୍ଟ୍ ତାଲିକାର ଶୀର୍ଷ ସ୍ଥାନରେ ରହିଥିବାବେଳେ ଦୀପ୍ତି ଶର୍ମା ନେତୃତ୍ୱାଧୀନ ୟୁ.ପି. ୱାରିୟର୍ସ ତାଲିକାର ପଞ୍ଚମ ସ୍ଥାନରେ ରହିଛି ।